# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22nd September – 2025

*******************************

## ମୁଖ୍ୟ ସମ୍ବାଦ

- ବିଧାନସଭା ମୌସୁମୀ ଅଧିବେଶନରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବକୁ ବାଚସ୍ପତିଙ୍କ ଅଗ୍ରାହ୍ୟ ।

— ଓଡ଼ିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଧେୟକ-୨୦୨୫ ଉପରେ ଜାରି ରହିଛି ଆଲୋଚନା ।

- ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ ଯୋଜନାରେ ରାଜ୍ୟ ଓ ରାଜ୍ୟ ବାହାରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଦେୟମୁକ୍ତ ସେବା ପାଉଛନ୍ତି; କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

- ନବରାତ୍ରୀର ପ୍ରଥମ ଦିନରେ ଆଜି ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଚାଲିଛି ମା' ଦୁର୍ଗାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟ ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା ।

*Desk*

# ବିଧାନସଭା

ଚଳିତ ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନର ଆଜି ଚତୁର୍ଥ ଦିନରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବକୁ ବାଚସ୍ପତି ସୁରମା ପାଢ଼ୀ ଅଗ୍ରାହ୍ୟ କରିଛନ୍ତି । ଅପରାହ୍ଣରେ ରୁଲିଙ୍ଗ୍ ଦେଇ ବାଚସ୍ପତି କହିଛନ୍ତି, ଅନାସ୍ଥା ପ୍ରସ୍ତାବ ହସ୍ତଗତ ହେବାର ପରଦିନ ଏହାକୁ ଗୃହରେ ଆଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଗୃହର ଅଚଳାବସ୍ଥା ଯୋଗୁଁ ତାହା ସମ୍ଭବ ହୋଇ ନ ଥିଲା । ପ୍ରସ୍ତାବର ଅବଧି ଶେଷ ହୋଇଥିବାରୁ ଏହାକୁ ଅଗ୍ରାହ୍ୟ କରାଯାଇଥିବା ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି । ପ୍ରସ୍ତାବ ଅଗ୍ରାହ୍ୟ ପରେ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିବା ସହ କକ୍ଷ ତ୍ୟାଗ କରିଥିଲେ । ବାଚସ୍ପତିଙ୍କ ରୁଲିଙ୍ଗ୍ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରରେ ଥିବା ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିବା ଜଣାପଡ଼ିଛି । ଅପରପକ୍ଷରେ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଆଜି ମୁଖ୍ୟ ବିରୋଧୀ ବି.ଜେ.ଡି. ସଦସ୍ୟଙ୍କ ସହଯୋଗ ଫଳରେ ଗୃହକାର୍ଯ୍ୟ ସ୍ୱାଭାବିକ ହେବା ସହ ଓଡ଼ିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଧେୟକ-୨୦୨୫ ଉପରେ ଗୃହରେ ଆଲୋଚନା ଜାରି ରହିଛି ।

BBSR/R

# ବିଧାନସଭା - ଆୟୁଷ୍ମାନ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଅଦ୍ୟାବଧି ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପଞ୍ଜିକୃତ ଚିକିତ୍ସାଳୟରେ ୪ ଲକ୍ଷ ୫ ହଜାର ୪୪ ଜଣ ହିତାଧିକାରୀ ଦେୟମୁକ୍ତ ଚିକିତ୍ସା ପାଇଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ଆଜି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ୩ କୋଟି ୪୬ ଲକ୍ଷ ହିତାଧିକାରୀ ଏହି ଯୋଜନାରେ ସାମିଲ୍ ହୋଇଛନ୍ତି । ଯୋଜନା ବାବଦରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୪ ହଜାର ୭୫୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

BBSR/R

# ବିଧାନସଭା - ଭିଜିଲାନ୍ସ

ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଗତ ୧୫ ମାସ ମଧ୍ୟରେ ମୋଟ୍ ୭୭ଟି ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଏବଂ ଲାଞ୍ଚ ନେବା ଅଭିଯୋଗରେ ମୋଟ୍ ୧୨୨ଟି ମାମଲା ରୁଜ୍ଜୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି । ୨୦୨୪ ମସିହା ଜୁନ୍ ମାସରୁ ଗତ ୧୫ ତାରିଖ

ମଧ୍ୟରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ମୋଟ୍ ୨୦୨ କୋଟି ୫୮ ଲକ୍ଷ ଓ ଲାଞ୍ଚ ନେବା ଅଭିଯୋଗରେ ୩୧ ଲକ୍ଷ ୬୩ ହଜାର ୫୦୦ ଟଙ୍କା ଜବତ ହୋଇଛି । ବିଗତ ୫ ବର୍ଷରୁ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩ ହଜାର ୬୬୧ଟି ଦୁର୍ନୀତି ନିବାରଣ ମାମଲା ବିଚାରାଧୀନ ଥିବାବେଳେ ୭୨୨ଟି ମାମଲାର ତଦନ୍ତ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି ।

***BBSR/R***

## ବିଧାନସଭା - ନାରୀ ନିର୍ଯାତନା

ରାଜ୍ୟରେ ଗତ ୧୪ ମାସରେ ୩୭ ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ସୂଚନା ଦେଇଛନ୍ତି । ବିଧାୟକ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ମାଝୀ କହିଛନ୍ତି, ଏହି ଅବଧି ମଧ୍ୟରେ ୯ ହଜାର ୧୮୧ଟି ଅସଦାଚରଣ ମାମଲା, ୨ ହଜାର ୯୩୩ଟି ଦୁଷ୍କର୍ମ, ୧ ହଜାର ୨୭୮ଟି ଯୌନ ନିର୍ଯାତନା, ୮ ହଜାର ୨୨୭ଟି ଅପହରଣ ମାମଲା ରୁଜୁ ହୋଇଛି । ଏତଦ୍‌ବ୍ୟତୀତ ୫ ହଜାର ୪୬୪ଟି ଯୌତୁକ ନିର୍ଯାତନା ମାମଲା ମଧ୍ୟ ରୁଜୁ ହୋଇଥିବା ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

*Nabaranpur/R*

# ଜି.ଏସ୍.ଟି.

ପବିତ୍ର ନବରାତ୍ରିର ପ୍ରଥମ ଦିନରେ ଦେଶରେ ଆଜିଠାରୁ ପରବର୍ତ୍ତୀ ପୀଢ଼ି ଦ୍ରବ୍ୟ ଓ ସେବାକର ଜି.ଏସ୍.ଟି. ସଂସ୍କାର କାର୍ଯ୍ୟକାରୀ ହୋଇଛି । ନୂତନ ସଂସ୍କାର ଲାଗୁ ହେବା ଦ୍ୱାରା ୨ଟି ସ୍ଲାବ ୫ ପ୍ରତିଶତ ଏବଂ ୧୮ ପ୍ରତିଶତରେ ଜିଏସ୍‌ଟି ସୀମିତ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଜିଏସ୍‌ଟି ସଂସ୍କାରକୁ ସଞ୍ଚୟ ଉତ୍ସବ ଭାବେ ପାଳନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଦେଶବାସୀ ନୂଆ ଜିଏସଟି ସଂସ୍କାର ଫଳରେ ବାର୍ଷିକ ଅଢ଼େଇ ଲକ୍ଷ କୋଟି ଟଙ୍କା ସଂଚୟ କରିପାରିବେ । ସୂଚନା ଅନୁଯାୟୀ, ଦୁଗ୍ଧଜାତ ଦ୍ରବ୍ୟ, ପ୍ୟାକେଜ ଖାଦ୍ୟ ଏବଂ ବ୍ୟକ୍ତିଗତ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ପୂର୍ବରୁ ୧୨ ପ୍ରତିଶତରୁ ୧୮ ପ୍ରତିଶତ ଜିଏସଟି ଲାଗୁ ହୋଇଥିବା ବେଳେ ଏହାକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ସମ୍ପର୍କରେ ନବରଙ୍ଗପୁରର ବ୍ୟବସାୟୀ ରାକେଶ ଗୁପ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

***Voice*** **:.........**

କେନ୍ଦ୍ର ସରକାର ଅତ୍ୟାବଶ୍ୟକ ଔଷଧ, ରୋଗ ପରୀକ୍ଷଣ କୀଟ୍, ଡାକ୍ତରୀ ଗ୍ରେଡ୍ ଅମ୍ଳଜାନ ଉପରେ ଟିକସ ହାର ୧୨ରୁ ୫ ପ୍ରତିଶତକୁ ହ୍ରାସ କରିଥିବା ବେଳେ ଜୀବନବୀମା ଏବଂ ସ୍ୱାସ୍ଥ୍ୟବୀମା ପ୍ରିମିୟମ ଉପରେ ସଂପୂର୍ଣ୍ଣ ଜିଏସଟି ଛାଡ଼ କରିଛନ୍ତି ।

*Deogarh/R*

# ନବରାତ୍ର

ଦେଶରେ ଆଜିଠାରୁ ଶକ୍ତି ଉପାସନାର ପର୍ବ ନବରାତ୍ରୀ ଆରମ୍ଭ ହୋଇଛି । ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରମୁଖ ଶକ୍ତିପୀଠ ଏବଂ ମନ୍ଦିର ଗୁଡ଼ିକରେ ମା' ଦୁର୍ଗାଙ୍କୁ 'ଶୈଳପୁତ୍ରୀ' ବେଶରେ ପୂଜା କରାଯାଉଛି ।

ଦେବଗଡ଼ ଜିଲ୍ଲାର ବିଭିନ୍ନ ଶକ୍ତିପୀଠରେ ଜଗଜ୍ଜନନୀ ମାଆ ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି । ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା' ପଧାନୀପୀଠ, ଦକ୍ଷିଣକାଳୀ ମନ୍ଦିର, ବନଦୁର୍ଗା ପୀଠ ଓ ମା' ମାହେଶ୍ୱରୀଙ୍କ ନିକଟରେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି ।

*Desk*

# ଆୟୁର୍ବେଦ ଦିବସ

ଦଶମ ଆୟୁର୍ବେଦ ଦିବସ ଆସନ୍ତାକାଲି ଦେଶବ୍ୟାପୀ ପାଳନ କରାଯିବ । ପ୍ରାକୃତିକ ସମ୍ବଳର ସ୍ଥାୟୀ ବିନିଯୋଗ, ଔଷଧୀୟ ବୃକ୍ଷର ସଂରକ୍ଷଣ ଏବଂ ଜୈବ ବିବିଧତା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ରହିଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପୃଥିବୀ ଏବଂ ଜନସାଧାରଣଙ୍କ ପାଇଁ ଆୟୁର୍ବେଦ' ।

*Sambalpur, Gajapati/R*

## ସୁସ୍ଥନାରୀ ସଶକ୍ତ ପରିବାର

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରୋଗ ଚିହ୍ନଟ, ଔଷଧ ବଣ୍ଟନ ଏବଂ ଡାକ୍ତରୀ ପରାମର୍ଶ ଯୋଗାଇ ଦିଆଯାଉଛି । ରେଙ୍ଗାଲୀ ତଥା ପଡ଼ୋଶୀ ଝାରସୁଗୁଡ଼ା ଜିଲ୍ଲା ତିଲିଆ ପଞ୍ଚାୟତର ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଡାକ୍ତରୀ ପରାମର୍ଶ ଗ୍ରହଣ କରିଛନ୍ତି ।

ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମରେ ଶତାଧିକ ଆସନ୍ନ ପ୍ରସବା ଓ ପ୍ରସୂତୀ ମହିଳାମାନଙ୍କର ପଞ୍ଜୀକରଣ କରାଯାଇ ବିଭିନ୍ନ ପରୀକ୍ଷା କରାଯାଇଥିଲା ।

*Desk*

## ସେବାପର୍ବ

***Sevaparva Opening***

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶରେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଏବଂ ପ୍ରଗତି ଆଣିବାପାଇଁ ନିରନ୍ତର

ଉଦ୍ୟମ ଜାରି ରଖିଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ସ୍ମାର୍ଟସିଟି ମିଶନ୍ ସମ୍ପର୍କରେ ଆସନ୍ତୁ ଜାଣିବା ।

ସ୍ମାର୍ଟସିଟି ମିଶନ୍ ଦେଶର ସହରାଞ୍ଚଳ ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ଆଣିଛି । ଆକାଂକ୍ଷା ବାସ୍ତବତାରେ ପରିଣତ ହେଉଛି । ଦେଶର ସହରାଞ୍ଚଳଗୁଡ଼ିକରେ ଜୀବନଧାରଣ ମାନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଗତ ୨୦୧୫ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ପୁନେଠାରେ ସ୍ମାର୍ଟସିଟି ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏଭଳି ଚିନ୍ତାଧାରା ଏକ ଜନ ଆନ୍ଦୋଳନରେ ପରିଣତ ହୋଇପାରିବ ।

***Voice (PM - Smart City)*** :.........

ଗତ ଦଶନ୍ଧି ମଧ୍ୟରେ ଏହି ମିଶନ ମାଧ୍ୟମରେ ଅନେକ ଉଲ୍ଲେଖନୀୟ ପ୍ରଗତି ହାସଲ ହୋଇଛି । ୮ ହଜାରରୁ ଅଧିକ ପ୍ରକଳ୍ପ ମଧ୍ୟରୁ ପ୍ରାୟ ୯୪ ପ୍ରତିଶତ ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇସାରିଛି । ୧୩ ହଜାର କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଚି । ଏହି ମିଶନ୍ ଅଧୀନରେ ମୋଟ ନିବେଶ ପରିମାଣ ପ୍ରାୟ ୧ ଲକ୍ଷ ୬୪ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସହରାଞ୍ଚଳଗୁଡ଼ିକର ବିଭିନ୍ନ କ୍ଷେତ୍ରରେ ପୁନଃ ନିର୍ମାଣ, ପୁନଃ ବିକାଶ ତଥା ଡିଜିଟାଲ ଭିତ୍ତିଭୂମି ଆଧାରିତ ବ୍ୟବସ୍ଥାର ଭିତ୍ତିଭୂମି ବିକାଶ ଏହି ମିଶନ୍ ଅଧୀନରେ ସମ୍ଭବ ହୋଇପାରିଛି ।

***Sevaparva Opening***

*Kendrapara/R*

## ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା ପୌର ପରିଷଦ ଟାଉନ୍ ହଲ୍‌ଠାରେ ଗଜଲକ୍ଷ୍ମୀ ପୂଜାକୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ଶୃଙ୍ଖଳିତ ଓ ଡି.ଜେ.ମୁକ୍ତ ଭସାଣ ସମ୍ପର୍କରେ ଆଲୋଚନା କରିଥିଲେ ।

*Gajapati/R*

## ଚିତ୍ରାଙ୍କନ ପ୍ରତିଯୋଗିତା

ଗଜପତି ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ବିଦ୍ୟାଳୟଠାରେ ବିକଶିତ ଭାରତ-୨୦୪୭ ପ୍ରସଙ୍ଗ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ପରିଚାଳନା କରିଥିଲେ ।

*Baragarh/R*

## ଆଲୋଚନାଚକ୍ର

ବରଗଡ଼ ଜିଲ୍ଲାର ପାର୍ବତୀ ମହିଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିକ୍ଷା ବିଭାଗର

ମୁଖ୍ୟ ପ୍ରାଧାପକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା, କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ସମ୍ପର୍କରେ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ 'ଆମ ବିଦ୍ୟାଳୟ ଓ ଗୁଣାତ୍ମକ ଶିକ୍ଷା' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା ।

*Nayagarh/R*

## ଧର୍ତୀ ଆବ୍‌ବା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ର ୧୮ଟି ଗ୍ରାମ ପଞ୍ଚାୟତରେ 'ଧର୍ତୀ ଆବ୍‌ବା' ଜନଜାତି ଗ୍ରାମ ଉତ୍କର୍ଷ କାର୍ଯ୍ୟକ୍ରମର ଆଦି କର୍ମଯୋଗୀ ଅଭିଯାନରେ ସାମିଲ କରାଯାଇଛି । ବ୍ଲକ୍‌ର ବାଣିଗୋଛା, କୁଜାମେଣ୍ଡି, ଢୁଡା, ନଛିପୁର ଆଦି ଗ୍ରାମ ପଞ୍ଚାୟତର ୧୧୦ଟି ଅନୁସଚିତବହୁଳ ଗ୍ରାମକୁ ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ଏହି ଅଭିଯାନରେ ସାମିଲ୍ କରାଯାଇଛି ।

*Baragarh, Bhadrak, Gajapati, Deogarh, Nayagarh, Sonepur, Nabaranpur, Sambalpur/R*

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲ୍ଲା ଝାରବନ୍ଧ ପଞ୍ଚାୟତ ସମିତି

କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ୧୦୧ଟି ଅଭିଯୋଗର ତ୍ୱରିତ ସମାଧାନ କରିଛନ୍ତି ।

ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରରେ ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯିବା ସହ ୮ ଜଣଙ୍କୁ ରେଡ୍‌କ୍ରସ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୭୫ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଥିଲା ।

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ତାଳମୁଣ୍ଡା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ମୋଟ୍ ୫୬ଟି ପଞ୍ଜିକୃତ ଅଭିଯୋଗର ଶୁଣାଣି କରାଯାଇଛି ।

ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ୍ କେନ୍ଦେଇଜୁରି ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୭୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ୭୯ଟି ମାମଲାରୁ ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍‌ସ୍ତରୀୟ ଶିବିରରେ ୮୪ଟି ଅଭିଯୋଗର ସମାଧାନ କରାଯାଇଛି ।

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୪୩ଟି ଅଭିଯୋଗ ମଧ୍ୟରୁ ୨ର ତତ୍କାଳ ସମାଧାନ ହୋଇଥିଲା ।

ସମ୍ବଲପୁର ନାକ୍‌ଟି ଦେଉଳ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୧୦୩ଟି ଅଭିଯୋଗର ସମାଧାନ କରାଯାଇଛି ।

*Met. O.*

## ପାଣିପାଗ

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ିସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ଜିଲ୍ଲାର ଗୋପଠାରେ ସର୍ବାଧିକ ୮୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି । ଆସନ୍ତା ୨୫ ତାରିଖ ସୁଦ୍ଧା ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

******